Sri Tapan Mohanty,
Uploaded in the college website.
[signature]
17/3/21

ଓଡ଼ିଶା ସରକାର

## ଉଚ୍ଚଶିକ୍ଷା ବିଭାଗ

### ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ ପରିବର୍ତ୍ତେ ସିଧାସଳଖ ଟଙ୍କା ପ୍ରଦାନ (DBT) ଯୋଜନା – ୨୦୨୦

## ଆବେଦନ ଅବଧିର ଶେଷ ତାରିଖ ତା୩୧.୦୩.୨୦୨୧ରିଖକୁ ବୃଦ୍ଧି କରାଗଲା

ଏହି ବିଭାଗର ବିଜ୍ଞପ୍ତି ସଂଖ୍ୟା-N-76, ତା୦୩.୦୩.୨୦୨୧ରିଖ ଅନୁସାରେ ୨୦୨୦ CHSE, Odisha ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ଯେଉଁ ମେଧାବୀ ଛାତ୍ରଛାତ୍ରୀମାନେ Online Portal ରେ ସଫଳତାର ସହିତ ଆବେଦନ କରିଛନ୍ତି, ସେମାନଙ୍କର ସମସ୍ତ ଆବେଦନର ଯାଞ୍ଚ ପ୍ରକ୍ରିୟା ଚାଲୁରହିଅଛି। ଏହି ସମସ୍ତ ଆବେଦନ ପତ୍ର ଯାଞ୍ଚ ହେବାକୁ ସମୟ ଲାଗିବ। ଯାଞ୍ଚ ପରେ ଯେଉଁ ଛାତ୍ରଛାତ୍ରୀମାନଙ୍କର document ସଠିକ୍ ଥିବ ସେମାନଙ୍କ ତାଲିକା ପର୍ଯ୍ୟାୟ କ୍ରମେ ଏହି ବିଭାଗର ୱେବ୍‌ସାଇଟ୍ www.dhe.odisha.gov.in ରେ ଉପଲବ୍ଧ ହେବ ଏବଂ ସେମାନଙ୍କ ଆକାଉଣ୍ଟ୍‌କୁ ଅର୍ଥରାଶି ସିଧାସଳଖ ପ୍ରଦାନ କରାଯିବ।

ଯେଉଁ ଛାତ୍ରଛାତ୍ରୀମାନେ କୌଣସି କାରଣ ବଶତଃ ଆବେଦନ କରିପାରିନାହାନ୍ତି, ସେମାନଙ୍କ ପାଇଁ ଆବେଦନର ଶେଷ ତାରିଖ ତା୧୮.୦୩.୨୦୨୧ରିଖ ପରିବର୍ତ୍ତେ ତା୩୧.୦୩.୨୦୨୧ରିଖକୁ ବୃଦ୍ଧି କରାଯାଇଛି।

ମେଧାବୀ ଛାତ୍ରଛାତ୍ରୀମାନେ ଅନାବଶ୍ୟକ e-mail ପଠାଇ ଉକ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି ନକରିବା ପାଇଁ ଅନୁରୋଧ କରାଯାଉଛି। ତାଲିକାରେ ଯେଉଁ ଛାତ୍ରଛାତ୍ରୀମାନଙ୍କ ନାମ ଉପଲବ୍ଧ ନାହିଁ, ସେମାନେ ଆବେଦନ କରିବା ଅନାବଶ୍ୟକ।

Offline ରେ admission କରିଥିବା ଛାତ୍ରଛାତ୍ରୀ କିମ୍ବା ସଂସ୍କୃତ ଛାତ୍ରଛାତ୍ରୀମାନେ Annexure-A Form ପଠାଇ ମୋବାଇଲ ନମ୍ବର update ପାଇଁ ଆବେଦନ କରିପାରିବେ।

**ବିଶେଷ ସୂଚନା-** (୧) ପରୀକ୍ଷାମୂଳକ ଭାବରେ ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଖାତାକୁ ମାତ୍ର ୧ ଟଙ୍କା ପ୍ରେରଣ କରାଯିବ। ତତ୍ପରେ ବଳକା ଅର୍ଥରାଶି ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରେରଣ କରାଯିବ। (୨) ଏହି ପ୍ରକ୍ରିୟା ଜୁନ୍ ୩୦, ୨୦୨୧ ପର୍ଯ୍ୟନ୍ତ ଚାଲୁରହିବ। ତେଣୁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରାଯାଉଛି।

ସ୍ୱା/-

ଅତିରିକ୍ତ ଶାସନ ସଚିବ

[signature]
17/03/21